# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 30 September - 2024

News Editor : *Itishree Singh Rathaur*

---

## ସମୀକ୍ଷା ବୈଠକ

ସମବାୟ ସମିତିଗୁଡ଼ିକର ସଶକ୍ତୀକରଣ ପାଇଁ ଆଜିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କର ସମବାୟ ମନ୍ତ୍ରଣାଳୟ ଶାସନ ସଚିବ ଆଶିଷ୍ ଭୋଟାନୀ ଏବଂ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଂଚଳରେ ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେବେ। ମିଳିଥିବା ସୂଚନା ଅନୁସାରେ, ଦେଶରେ ୨ ଲକ୍ଷ ନୂତନ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସାଧାରଣ ଲୋକଙ୍କ ପାଖରେ ଉନ୍ନତମାନର ସେବା ପହଞ୍ଚାଇବାକୁ ପ୍ରାଥମିକ କୃଷି ସମବାୟ ସମିତିର ସଶକ୍ତିକରଣକୁ ପ୍ରାଧାନ୍ୟ ଦିଆଯିବା ଏବଂ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ବୈଠକରେ ବିଚାର ବିମର୍ଶ କରାଯିବ।

---

## ଆଇପିଏସ୍ ବଦଳି

ରାଜ୍ୟ ସରକାର ୪୯ଜଣ ବରିଷ୍ଠ ଭାରତୀୟ ପୋଲିସ୍ ସେବା ଅଧିକାରୀଙ୍କ ଅଦଳବଦଳ କରିବା ସହିତ ୫ଜଣ ବରିଷ୍ଠ ଓଡ଼ିଶା ପୋଲିସ୍‌ଙ୍କୁ ଆରକ୍ଷୀ ଅଧିକ୍ଷକ ଦାୟିତ୍ୱ ପ୍ରଦାନ କରିଛନ୍ତି । ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ

କଟକ-ଭୁବନେଶ୍ୱର ପୋଲିସ୍ କମିଶନର ଭାବେ ଦେବଦତ୍ତ ସିଂହଙ୍କୁ ନିଯୁକ୍ତି ଦିଆଯାଇଛି । ଅରୁଣ କୁମାର ରାୟଙ୍କୁ ଜେଲ୍ ବିଭାଗର ମହାନିର୍ଦ୍ଦେଶକ ଏବଂ ଆର୍.ପି.କୋଚେଙ୍କୁ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି ।ସେହିପରି ଭୁବନେଶ୍ୱର ନୂଆ ଡିସିପି ଭାବେ ପୁରୀ ଏସ୍‌ପି ଥିବା ପିନାକ ମିଶ୍ରଙ୍କୁ ଦାୟିତ୍ୱ ମିଳିଛି । ବିଜ୍ଞପ୍ତି ଅନୁସାରେ  ୨୨ଟି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ନୂଆ ଦାୟିତ୍ୱ ମିଳିଛି ।

## ମୁଖ୍ୟମନ୍ତ୍ରୀଙ୍କ ଝାଡ଼ଖଣ୍ଡ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଝାଡ଼ଖଣ୍ଡ ଗସ୍ତରେ ଯିବେ । ପଶ୍ଚିମ ସିଂହଭୂମର ଜଗନ୍ନାଥପୁରରେ ହେବାକୁଥିବା ପ୍ରାକ୍ ନିର୍ବାଚନ ଶୋଭାଯାତ୍ରାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଚାଇଁବସାର କୋଲ୍‌ହାନ୍ ଗସ୍ତରେ ଯାଇ ଝାଡ଼ଖଣ୍ଡରେ ଥିବା ଓଡ଼ିଆ ଲୋକଙ୍କୁ ସାକ୍ଷାତ କରିବେ ବୋଲି ଜଣାପଡ଼ିଛି ।

## ପରିବେଶ ଶିକ୍ଷା

ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ  ସ୍ନାତକ ଶ୍ରେଣୀରେ ପରିବେଶ ଶିକ୍ଷା ଉପରେ ଶିକ୍ଷାଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ଅଧ୍ୟକ୍ଷମାନଙ୍କୁ ଅବଗତ କରାଯାଇଛି। ସ୍ନାତକ ଶ୍ରେଣୀରେ ପରିବେଶ ଶିକ୍ଷା ପାଠ୍ୟକ୍ରମ ପାଇଁ ୟୁଜିସିର ମାର୍ଗଦର୍ଶିକା ଓ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ବିବିଧତା, ସଂରକ୍ଷଣ ଆଦି ଉପରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯିବ ।

# ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି ବିଶ୍ୱର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି । ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳନ କରାଯାଇ ଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ ।

---

# ମନ୍‌କି ବାତ-ଧର୍ମେନ୍ଦ୍ର ପ୍ରଧାନ

ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାତୃଭାଷା, ଲିପି ଏବଂ ଜନଜାତି ସମୁଦାୟଙ୍କ କଥିତ ଭାଷା ସାନ୍ତାଳୀର ପ୍ରଚାର ପ୍ରସାର କରୁଥିବା ମୟୂରଭଞ୍ଜ ଜିଲ୍ଲାର ରାମଜିତ ଟୁଡୁଙ୍କ ବିଷୟରେ ଆଲୋଚନା କରିଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀ ଟୁଡୁଙ୍କୁ କୃତଜ୍ଞତା ଜଣାଇଛନ୍ତି ।  ମାତୃଭାଷାକୁ ପ୍ରାଥମିକତା ଦେବା ଦିଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ଛାତ୍ରଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ବୌଦ୍ଧିକ କ୍ଷମତାକୁ ପରିପ୍ରକାଶ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

---

# ପରଲୋକ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରାଙ୍କର ଗତକାଲି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ବାଲିଚିତିରି ଗ୍ରାମରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା । ଗାନ୍ଧିଜୀଙ୍କର ଭାରତଛାଡ଼ ଆନ୍ଦୋଳନରେ  ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

---

# ଇ-କେଓ୍ୱାଇସି- ରାସନକାର୍ଡ

ଇ-କେଓ୍ୱାଇସି ପଞ୍ଜୀକରଣ ସରିବା ପରେ ଖାଉଟିମାନଙ୍କୁ ନୂଆ ରେସନକାର୍ଡ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସୂଚନା ଅନୁସାରେ ରାଜ୍ୟର ପ୍ରାୟ ସାଢ଼େ୩କୋଟି ଉପଭୋକ୍ତାଙ୍କର ଇ-କେଓ୍ୱାଇସି ପଞ୍ଜୀକରଣ ହେବ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କର ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହୋଇଛି।  ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହେବା ପରେ ଅଯୋଗ୍ୟ ହିତାଧିକାରୀଙ୍କ ପ୍ରକୃତ ସଂଖ୍ୟା ଜଣାପଡିବ। ନୂଆ କାର୍ଡ ପାଇଁ ଆବେଦନ କରିଥିବା ଯୋଗ୍ୟ ଆବେଦନକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

---

# ଖାଦ୍ୟ ଅପମିଶ୍ରଣ

ପାର୍ବଣଋତୁରେ ରାଜ୍ୟରେ ଖାଦ୍ୟ ଅପମିଶ୍ରଣ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଶେଷକରି ଦୁଗ୍ଧଜାତ ସାମଗ୍ରୀ ଉପରେ କଡା ନଜର ରଖାଯିବା ସହ ବିଭିନ୍ନ ପ୍ରକାର ମିଠା ପ୍ରସ୍ତୁତକାରୀଙ୍କ ଉପରେ ଆବଶ୍ୟକସ୍ଥଳେ ଚଢ଼ାଉ କରାଯିବ।  ଅପମିଶ୍ରଣ ହେଉଥିବା ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି।

## ମହିଳା ସନ୍ତରଣ

ସମ୍ବଲପୁରଠାରେ ଚାଲିଥିବା  ଖେଲୋ ଇଣ୍ଡିଆ ମହିଳା ସନ୍ତରଣ ସିରିଜ୍-୨୦୨୪ରେ ଓଡ଼ିଶା ୧୪ଟି ସ୍ୱର୍ଣ୍ଣପଦକ ସହ ମୋଟ୍ ୩୯ଟି ପଦକ ଜିତି ଚମ୍ପିୟାନ୍ ହୋଇଛି । ଦିବ୍ୟଜ୍ୟୋତି ପ୍ରଧାନ ସର୍ବାଧିକ ୪ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି ।